ପ୍ରମେୟ
ତାରିଖ: ୧୯.୦୮.୨୦୨୫

# ବିଆଇଆଇଟିଏମ୍ ପକ୍ଷରୁ ସ୍ପାର୍କ ୨୦୨୫




ଭୁବନେଶ୍ୱର,୧୮।୮(ବ୍ୟୁରୋ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ (ବିଆଇଆଇଟିଏମ୍) ପକ୍ଷରୁ ଏମ୍‌ବିଏ ଛାତ୍ରଛାତ୍ରୀଙ୍କ ନୂଆ ବ୍ୟାଚ୍ ଶୁଭାରମ୍ଭ ଏବଂ ଓରିଏଣ୍ଟେସନ କାର୍ଯ୍ୟକ୍ରମ ସ୍ପାର୍କ-୨୦୨୫ ଅନୁଷ୍ଠିତ ହୋଇଛି। ପ୍ରିନ୍ସିପାଲ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ନୂଆ ଏମ୍‌ବିଏ ବ୍ୟାଚ୍ ଛାତ୍ରଛାତ୍ରଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଇମ୍‌ଜେନେକ୍ସ ଇଣ୍ଡିଆ ଲିମିଟେଡର ସିଇଓ ଡ. ବି. ରବିନ୍ଦ୍ରନ ସମ୍ମାନିତ ଅତିଥି ଏବଂ ମୁଖ୍ୟ ଅତିଥି ଭାବେ କମିସନରେଟ ପୁଲିସର ଅତିରିକ୍ତ କମିଶନର ନରସିଂହ ଭୋଳ ଯୋଗ ଦେଇଥିଲେ। ଆଗାମୀ ୨୩ ଯାଏ ଅନୁଷ୍ଠାନ ପକ୍ଷରୁ କର୍ପୋରେଟ ଆଲୋଚନା, କର୍ମଶାଳା, ସୁସ୍ଥତା ଅଧିବେସନ, ପୂର୍ବତନ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।